# NATIONAL NEWS BULLETIN (ODIA)

## 07th May - 2025

## Morning Bulletin : 7.15 a.m.

**********************************

ଆକାଶବାଣୀ.....  ସମ୍ବାଦ ପଢୁଛନ୍ତି.....  **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

ଆକାଶବାଣୀ.....  ସମ୍ବାଦ ପଢୁଛନ୍ତି..... ଚନ୍ଦନ ଘୋଷ

**ମୁଖ୍ୟ ସମ୍ବାଦ**

---

- ଭାରତୀୟ ସେନା ଗତକାଲି ମଧ୍ୟରାତ୍ରିରେ ପାକିସ୍ତାନ ଓ ପାକ୍ ଅଧିକୃତ କାଶ୍ମୀର ଅଞ୍ଚଳରେ ଥିବା ସନ୍ତ୍ରାସବାଦୀ ଭିତ୍ତିଭୂମିଗୁଡ଼ିକ ଉପରେ ଆରମ୍ଭ କରିଛି 'ଅପରେସନ୍ ସିନ୍ଦୂର' ।

- ଭାରତ-ପାକିସ୍ତାନ ମଧ୍ୟରେ ଥିବା ଉତ୍ତେଜନାକୁ କଥାବାର୍ତ୍ତା ମାଧ୍ୟମରେ ସମାଧାନ କରିବା ଲାଗି ଉଭୟ ଦେଶର ନେତୃବୃନ୍ଦଙ୍କୁ ଆମେରିକାର ରାଷ୍ଟ୍ରପତିଙ୍କ ପରାମର୍ଶ ।

- ଭାରତର ଜଳ ଏଣିକି ଦେଶର ସ୍ୱାର୍ଥ ଲାଗି ପ୍ରବାହିତ ହେବା ସହିତ ସଂରକ୍ଷିତ ରଖାଯିବ; କହିଲେ ପ୍ରଧାନମନ୍ତ୍ରୀ ।

- ବେସାମରିକ ପ୍ରତିରକ୍ଷା ପ୍ରସ୍ତୁତିର ମୂଲ୍ୟାଙ୍କନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ୨୪୪ଟି ସ୍ଥାନରେ ଆଜି କରାଯିବ ମକ୍‌ଡ୍ରିଲ ।

ଏବଂ

- ଆଇ.ପି.ଏଲ୍.ର ଗତକାଲି ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଡି.ଏଲ୍.ଏସ୍. ମେଥଡ୍‌ରେ ବିଜୟୀ ହେଲା ଗୁଜରାଟ୍ ଟାଇଟନ୍ସ ।

## ଇଣ୍ଡିଆ - ଅପରେସନ୍ ସିନ୍ଦୂର

ଭାରତୀୟ ସେନା ଗତକାଲି ମଧ୍ୟରାତ୍ରିରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର ଅଞ୍ଚଳରେ ଥିବା ସନ୍ତ୍ରାସବାଦୀ ଭିତ୍ତିଭୂମି ଉପରେ 'ଅପରେସନ୍ ସିନ୍ଦୂର' ମାଧ୍ୟମରେ ଆକ୍ରମଣ କରିଛି । ଏହିସବୁ ସ୍ଥାନଗୁଡ଼ିକରୁ ଭାରତ ବିରୋଧରେ ସନ୍ତ୍ରାସବାଦ ଆକ୍ରମଣ ଲାଗି ଯୋଜନା କରାଯିବା ସହିତ ନିର୍ଦ୍ଦେଶ ଦିଆଯାଉଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଗତ ମଧ୍ୟରାତ୍ରିରୁ ଏହି ଅପରେସନ ମାଧ୍ୟମରେ ପାକିସ୍ତାନର ୯ଟି ଆତଙ୍କବାଦୀ ଅଧ୍ୟୁଷିତ ଅଞ୍ଚଳ ଉପରେ ଅତ୍ୟନ୍ତ ସଂଯମ ଓ ପରିପକ୍ୱତାର ସହ ଯୋଜନାବଦ୍ଧ ଭାବେ ଲକ୍ଷ୍ୟ ଚୟନ କରି ଆକ୍ରମଣ କରାଯାଇଛି । ପାକିସ୍ତାନର

ସାମରିକ ଶିବିର ଉପରେ କୌଣସି ଆକ୍ରମଣ କରାଯାଇ ନାହିଁ । ଭାରତ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ କେବଳ ସନ୍ତ୍ରାସବାଦ କାର୍ଯ୍ୟକଳାପ ଜାରି ରହିଥିବା ନିର୍ଦ୍ଦିଷ୍ଟ ସ୍ଥାନଗୁଡ଼ିକୁ ନଷ୍ଟ କରିବାପାଇଁ  ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରଣାଳୟ କହିଛି ।

ଗତମାସ ୨୨ ତାରିଖ ଦିନ ପହଲ୍‌ଗାମ୍‌ଠାରେ ହୋଇଥିବା ବର୍ବରୋଚିତ ସନ୍ତ୍ରାସବାଦ ଆକ୍ରମଣରେ ୨୫ ଜଣ ଭାରତୀୟ ଓ ଜଣେ ନେପାଳୀ ନାଗରିକଙ୍କର ମୃତ୍ୟୁ ହେବା ପରିପ୍ରେକ୍ଷୀରେ ଭାରତ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି । ଏହି ଆକ୍ରମଣର ଷଡ଼ଯନ୍ତ୍ରକାରୀଙ୍କୁ ଉତ୍ତରଦାୟୀ କରାଯିବା ଦିଗରେ ଭାରତୀୟ ସେନାର ପ୍ରତିଶ୍ରୁତିବଦ୍ଧତା ସ୍ୱରୂପ ଏହି 'ଅପରେସନ୍ ସିନ୍ଦୂର' ଆରମ୍ଭ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅପରେସନ୍ ସିନ୍ଦୂର ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ଏ ସମ୍ପର୍କରେ ଆଜି ପୂର୍ବାହ୍ନ ୧୦ଟାରେ ବିସ୍ତୃତ ବିବରଣୀ ଦିଆଯିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ।

## ରାଜନାଥ ସିଂହ - ସିନ୍ଦୂର

ଭାରତୀୟ ସେନା ପକ୍ଷରୁ ଆରମ୍ଭ କରାଯାଇଥିବା ଅପରେସନ୍ ସିନ୍ଦୂର ଉପରେ ପ୍ରତିକ୍ରିୟା ଦେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସାମାଜିକ ଗଣମାଧ୍ୟମରେ 'ଭାରତମାତା କୀ ଜୟ' ବୋଲି ଉଲ୍ଲେଖ କରିଛନ୍ତି ।

ସେହିଭଳି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସେନାର ଏହି ପଦକ୍ଷେପକୁ ପ୍ରଶଂସା କରିବା ସହିତ ସାମାଜିକ ଗଣମାଧ୍ୟମରେ 'ଜୟହିନ୍ଦ୍ - ଜୟହିନ୍ଦ କୀ ସେନା' ବୋଲି ଉଲ୍ଲେଖ କରିଛନ୍ତି ।

## ଟ୍ରମ୍ପ୍ ଅନ୍ ଇଣ୍ଡିଆ-ପାକିସ୍ତାନ

ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀର ଅଞ୍ଚଳରେ ଥିବା ସନ୍ତ୍ରାସବାଦ ଶିବିରଗୁଡ଼ିକ ଉପରେ ଭାରତୀୟ ବାୟୁସେନାର ଆକ୍ରମଣ ପ୍ରସଙ୍ଗରେ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପ୍ ନିଜର ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି, ଏ ଦିଗରେ କିଛି ଘଟିବାକୁ ଯାଉଛି ବୋଲି ଜନସାଧାରଣ ଅବଗତ ଥିଲେ । ତେବେ ଦୁଇ ଦେଶ ମଧ୍ୟରେ ଥିବା ଉତ୍ତେଜନା ଖୁବ୍ ଶୀଘ୍ର ଶେଷ ହେବ ବୋଲି ଶ୍ରୀ ଟ୍ରମ୍ପ୍ ଆଶାବ୍ୟକ୍ତ କରିଛନ୍ତି । ଅନ୍ୟପକ୍ଷରେ ଆମେରିକାର ସେକ୍ରେଟାରୀ ଅଫ୍ ଷ୍ଟେଟ୍ ମାର୍କୋ ରୁବିଓ କହିଛନ୍ତି, ଭାରତ-ପାକିସ୍ତାନ ମଧ୍ୟରେ ଉପୁଜିଥିବା ସ୍ଥିତି ଉପରେ ସେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ରୁବିଓ କହିଛନ୍ତି, ଏକ ଶାନ୍ତିପୂର୍ଣ୍ଣ ସମାଧାନ ଦିଗରେ ଉଭୟ ଦେଶର ନେତୃବୃନ୍ଦ କଥାବାର୍ତ୍ତା କରିବା ଲାଗି ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ୍ ପରାମର୍ଶ ଦେଇଛନ୍ତି ।

# ପି.ଏମ୍.-ଇଣ୍ଡିଆ ୨୦୪୭

ଭାରତର ଜଳ ଏଣିକି ଦେଶର ସ୍ୱାର୍ଥ ଲାଗି ପ୍ରବାହିତ ହେବା ସହିତ ସଂରକ୍ଷିତ ରଖାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମତବ୍ୟକ୍ତ କରିଛନ୍ତି । ଗତକାଲି ନୂଆଦିଲ୍ଲୀରେ ଏକ ଘରୋଇ ଟି.ଭି. ଚ୍ୟାନେଲ୍ ଦ୍ୱାରା ଆୟୋଜିତ ଏକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଦେଶର ଜଳକୁ କେବଳ ଭାରତର ବିକାଶ ଦିଗରେ ହିଁ ବିନିଯୋଗ କରାଯିବ । ଅତୀତରେ ଭାରତ ଏହି ଜଳକୁ ସୀମାପାର କରି ପ୍ରବାହିତ ହେବାକୁ ଦିଆଯାଉଥିବା ପ୍ରକ୍ରିୟାକୁ ସମ୍ପ୍ରତି ସରକାରଙ୍କ ପକ୍ଷରୁ ବନ୍ଦ କରାଯାଇଛି ବୋଲି ସେ କହିଛନ୍ତି । ନଦୀ ସଂଯୋଗୀକରଣ ଉପରେ ତାଙ୍କ ସରକାରଙ୍କ ପକ୍ଷରୁ ନିଆଯାଉଥିବା ଉଲ୍ଲେଖନୀୟ ପଦକ୍ଷେପ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କେନ୍-ବେଟ୍‌ୱା ସଂଯୋଗୀକରଣ ପ୍ରକଳ୍ପ ଏବଂ ପର୍‌ଭାତି-କାଲିସିନ୍ଧ-ଚମ୍ବଲ ସଂଯୋଗୀକରଣ ପ୍ରକଳ୍ପ ଭଳି ଦେଶରେ ଥିବା ବିଭିନ୍ନ ପ୍ରମୁଖ ଜଳପ୍ରକଳ୍ପ ମାଧ୍ୟମରେ ଲକ୍ଷ ଲକ୍ଷ ଚାଷୀ ଉପକୃତ ହୋଇପାରିବେ ।

***Voice (PM Water)* :...........**

ଭାରତ ଏବଂ ବ୍ରିଟେନ୍ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ପ୍ରଶଂସା କରି ଶ୍ରୀ ମୋଦି କହିଛନ୍ତି, ଏହାଦ୍ୱାରା ଦେଶରେ ବ୍ୟାବସାୟିକ କ୍ଷେତ୍ରରେ ଅଧିକ ସୁଯୋଗ ସୃଷ୍ଟି ହେବା ସହିତ ଅର୍ଥନୈତିକ

କାର୍ଯ୍ୟକଳାପକୁ ପ୍ରୋତ୍ସାହନ ମିଳିବ । ସେହିଭଳି ଦେଶରେ ଥିବା ଏମ୍.ଏସ୍.ଏମ୍.ଇ. ସଂସ୍ଥାଗୁଡ଼ିକ ମଧ୍ୟ ଉପକୃତ ହୋଇପାରିବେ । ଭାରତ କେବଳ ସଂସ୍କାରମୂଳକ ପଦକ୍ଷେପ କାର୍ଯ୍ୟକାରୀ କରୁ ନାହିଁ; ବରଂ ନିଜକୁ ଏକ ସକ୍ରିୟ ବାଣିଜ୍ୟିକ ଏବଂ ବ୍ୟାବସାୟିକ ହବ୍ ରୂପେ ପରିଣତ କରିବା ଦିଗରେ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ର ସହିତ ମିଳିତ ଭାବେ କାର୍ଯ୍ୟ କରୁଛି ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

***Voice (PM trade)*** :...........

୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ କରିବା ପ୍ରତ୍ୟେକ ଦେଶବାସୀଙ୍କର ସ୍ୱପ୍ନ ରହିଛି । ଆମ ଦେଶରେ ସମ୍ବଳ, ଇଚ୍ଛାଶକ୍ତି ଏବଂ ସାମର୍ଥ୍ୟ ରହିଛି । ବିଶେକେରି ଦେଶର ଯୁବବର୍ଗ ବିଶ୍ୱରେ ଏକ ବୃହତ୍ ଶକ୍ତି ଭାବେ ଉଭା ହୋଇଛି ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice (PM Vishit Bharat)*** :...........

# ମକ୍ ଡ୍ରିଲ୍

କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ବେସାମରିକ ପ୍ରତିରକ୍ଷା ପ୍ରସ୍ତୁତିର ମୁଲ୍ୟାଙ୍କନ ପାଇଁ ଆଜି ମକ୍‌ଡ୍ରିଲ କରାଯିବ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସୂଚନା ଅନୁସାରେ ଦେଶର ୨୪୪ଟି ନିର୍ଦ୍ଦିଷ୍ଟ

ବେସାମରିକ ପ୍ରତିରକ୍ଷା ଜିଲ୍ଲାରେ' ବେସାମରିକ ପ୍ରତିରକ୍ଷା ଅଭ୍ୟାସ ଆୟୋଜନ କରାଯିବ । ଶତ୍ରୁପକ୍ଷରୁ ଆକ୍ରମଣ ହେଲେ ନିଜକୁ ସୁରକ୍ଷିତ ରଖିବା ପାଇଁ ସାଧାରଣ ନାଗରିକ ଓ ଛାତ୍ରଛାତ୍ରୀମାନଙ୍କୁ ପ୍ରତିରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ଏଥିରେ ପ୍ରଶିକ୍ଷଣ ଦିଆଯିବ । ଏୟାର ରେଡ ଓ୍ୱାର୍ଣ୍ଣିଂ ବ୍ୟବସ୍ଥାର ସୁଫଳ ଆକଳନ କରିବା ଏବଂ ଭାରତୀୟ ବାୟୁସେନା ସହିତ ରେଡ଼ିଓ କମ୍ୟୁନିକେଶନ ଲିଙ୍କ କାର୍ଯ୍ୟକ୍ଷମ କରିବା ସହିତ କଣ୍ଟ୍ରୋଲ ରୁମ୍ ଗୁଡ଼ିକର କାର୍ଯ୍ୟକାରୀତା ପରୀକ୍ଷା କରିବା ହେଉଛି ଏହି ମକ୍‌ଡ୍ରିଲ୍‌ର ଉଦ୍ଦେଶ୍ୟ ।।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଆଜି ଓଡ଼ିଶାର ୧୨ଟି ସ୍ଥାନରେ ସୁରକ୍ଷା ସଂପର୍କିତ ମକ୍‌ଡ୍ରିଲ୍ ହେବ । ସେହି ସ୍ଥାନଗୁଡ଼ିକ ହେଉଛି– ଭୁବନେଶ୍ୱର, ବାଲେଶ୍ୱର, କୋରାପୁଟ, ଗୋପାଳପୁର, ହୀରାକୁଦ, ପାରାଦ୍ୱୀପ, ରାଉରକେଲା, ଭଦ୍ରକ, ଢେଙ୍କାନାଳ, ଜଗତ୍‌ସିଂହପୁର, କେନ୍ଦ୍ରାପଡା ଓ ତାଳଚେର । ମିଳିଥିବା ସୂଚନା ଅନୁଯାୟୀ ଆଜି ଅପରାହ୍ଣ ୪ଟାରେ ମକ୍‌ଡ୍ରିଲ୍ ପାଇଁ ସାଇରନ୍ ବାଜିବ। ପ୍ରଥମ ପର୍ଯ୍ୟାୟରେ ଆଜି ଉପକୂଳବର୍ତ୍ତୀ ଜିଲ୍ଲା ଓ ସହରାଞ୍ଚଳରେ ମକ୍‌ଡ୍ରିଲ୍ କରାଯିବ। ୫ ମିନିଟ୍ ପରେ ପୁଣି ଥରେ ସାଇରନ୍ ବାଜିଲେ ମକ୍‌ଡ୍ରିଲ୍ ଶେଷ ହେବ ।

## ସି.ୟୁ.ଇ.ଟି.

ସ୍ନାତକ ପାଠ୍ୟକ୍ରମ ଲାଗି ଉଦ୍ଦିଷ୍ଟ ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ସି.ୟୁ.ଇ.ଟି-ୟୁ.ଜି.କୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ. ପକ୍ଷରୁ ଗତକାଲି ରାତିରେ ଏହାଘୋଷଣା କରାଯାଇଛି । ଆସନ୍ତାକାଲି ଏହି ପରୀକ୍ଷା ଅନୁଷ୍ଠିତ ହେବାର ଥିଲା । ଏନ୍.ଟି.ଏ. କହିଛି, ଆଜି ସମ୍ପୃକ୍ତ ପରୀକ୍ଷାର୍ଥୀମାନଙ୍କ ସିଟି ଇଣ୍ଟିମେସନ ସ୍ଲିପ୍ ଜାରି କରାଯିବ । ଚଳିତ ବର୍ଷ ସାଢ଼େ ୧୩ ଲକ୍ଷ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଉଛନ୍ତି । ଏହି ପରୀକ୍ଷା ଗତବର୍ଷ ପ୍ରଥମ ଥର ଲାଗି କମ୍ପ୍ୟୁଟର୍ ମାଧ୍ୟମରେ କରାଯାଇଥିଲା ବୋଲି ଏନ୍.ଟି.ଏ. କହିଛି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍.ର ଗତକାଲି ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ’ ମୁମ୍ବାଇ ଇଣ୍ଡିଆନ୍ସକୁ ଡକ୍‌ୱର୍ଥ-ଲିଓ୍ୱିସ୍-ଷ୍ଟର୍ଣ୍ଣ - ଡି.ଏଲ୍.ଏସ୍. ମେଥଡ୍‌ରେ ପରାସ୍ତ କରିଛି । ଗତକାଲି ରାତିରେ ମୁମ୍ବାଇର ଓ୍ୱାଖେଡ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦

ଓଭର୍‌ରେ ୮ ୱିକେଟ୍ ହରାଇ ୧୫୫ ରନ୍ କରିଥିଲା । ଦଳ ପକ୍ଷରୁ ୱିଲ୍ ଜ୍ୟାକ୍‌ସ ସର୍ବାଧିକ ୫୩ ଏବଂ ସୂର୍ଯ୍ୟକୁମାର ଯାଦବ ୩୫ ରନ୍ କରିଥିଲେ ।

ଗୁଜରାଟ ଟାଇଟନ୍ସ ପକ୍ଷରୁ ସାଇକିଶୋର ୨ଟି ୱିକେଟ୍ ନେଇଥିବା ମହମ୍ମଦ ସିରଜ, ଅର୍‌ଶଦ୍ ଖାଁ, ପ୍ରସିଦ୍ଧ କ୍ରିଷ୍ଣା, ରଶିଦ୍ ଖାଁ ଏବଂ ଗେରାଲ୍ଡ କୋଏଜି ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି । ବର୍ଷା ଯୋଗୁଁ ୧୪୭ ରନ୍‌ର ସଂଶୋଧିତ ବିଜୟ ଲକ୍ଷ୍ୟର ପିଛା କରି ଗୁଜରାଟ ଟାଇଟନ୍ସ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା । ଦଳ ପକ୍ଷରୁ ଅଧିନାୟକ ଶୁଭମନ୍ ଗିଲ୍ ସର୍ବାଧିକ ୪୩ ରନ୍ କରିବା ସହ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଟ୍ରେଣ୍ଟ୍ ବୋଲ୍‌ଟ୍, ଯଶପ୍ରୀତି ବୁମ୍‌ରାହ ଏବଂ ଅଶ୍ୱିନୀ କୁମାର ୨ଟି ଲେଖାଏଁ ୱିକେଟ୍ ନେଇଥିବାବେଳେ ଦୀପକ ଚହଲ ଗୋଟିଏ ୱିକେଟ୍ ଅକ୍ତିଆର କରିଥିଲେ । ଏହି ବିଜୟ ସହ ଗୁଜରାଟ୍ ଟାଇଟନ୍ସ ଆଇ.ପି.ଏଲ୍. ପଏଣ୍ଟ୍ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିଛି ।

ଆଜି କୋଲ୍‌କାତା ନାଇଟ୍ ରାଇଡର୍ସ ଓ ଚେନ୍ନାଇ ସୁପର କିଙ୍ଗସ୍ ମଧ୍ୟରେ କୋଲକାତାର ଇଡେନ୍ ଗାର୍ଡେ଼ନଠରେ ମୁକାବିଲା ହେବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।

*****